## ସଂକ୍ଷେପରେ

### ୨୭ରେ ଜିଲାପାଳଙ୍କ ଅଫିସ ଘେରାଉ

**ଅନୁଗୋଳ ଅଫିସ, ୨୦।୧୨:** ଅନୁଗୋଳ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମାଧାନ ଦାବିରେ ଆସନ୍ତା ୨୭ ତାରିଖରେ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବ। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଗୁରୁବାର ଅପରାହ୍ଣରେ କମିଟି ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ଅଧକ୍ଷତାରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ସ୍ମୃତିପାଠାଗାର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତାଳଚେର ଠାରେ ନିର୍ମାଣାଧୀନ ମେଡିକାଲ କଲେଜ ଓ ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ବିଭିନ୍ନ ଉପଖଣ୍ଡ ଡାକ୍ତରଖାନା ସମେତ ସମସ୍ତ ଡାକ୍ତରଖାନାରେ ଖାଲିପଡିଥିବା ପଦବୀ ପୂରଣ ଆଦି ଦାବିରେ ଏହି ଆନ୍ଦୋଳନ କରାଯିବ। କମିଟିର ଅନ୍ୟତମ ଆବାହାକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ହେମନ୍ତ ଦାସ, ଦାମୋଦର ଦାସ, କିଶୋର ଚନ୍ଦ୍ର ରାଉଳ, ମାନସ ପାଳ, ପର୍ଶୁରାମ ଦାଶ, ନବକିଶୋର ପ୍ରଧାନ, ବଳରାମ ବେହେରା, ତ୍ରିଲୋଚନ ଜେନା, ନିର୍ମଳ କୁମାର ସାହୁ, ପ୍ରସାଦୀ ପ୍ରଧାନ ପ୍ରମୁଖ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

### ୬୭୦୦ ଟଙ୍କା ଜରିମାନା ଆଦାୟ

**ବଇଣ୍ଡା,୨୦।୧୨(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥ ହଣ୍ଡପା ଥାନା ରାଣୀଭୂଇଁ ନିକଟରେ ମଙ୍ଗଳବାର ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ି ଯାଞ୍ଚ କରାଯାଇ ୬୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଥାନା ସେକେଣ୍ଡ ଅଫିସର ପିସି ମଲ୍ଲିକଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଥିଲା।

■ ସମାଧାନ ହେଉନି ଡମ୍ପିଂୟାର୍ଡ ବିବାଦ

# ପୂର୍ବାହ୍ନ ୧୧ଟା ଯାଏ ସମୟ ଦେଲା ପ୍ରଶାସନ

ଅନୁଗୋଳ ଅଫିସ, ୨୦।୧୨

ଅନୁଗୋଳ କୁଶାସିଂହାଠାରେ ପୌରପରିଷଦ ଅଳିଆ ପଡ଼ିବା ବିବାଦ ଛିଣ୍ଡିବାର ନାଁ ଧରୁନି। ଦିନକୁ ଦିନ ସମସ୍ୟା ଜଟିଳ ହେବାରେ ଲାଗିଛି। ତେବେ ପ୍ରଶାସନ ଗ୍ରାମବାସୀଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମହଲତ ଦେଇଛି। ଗ୍ରାମବାସୀ ସେମାନଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଏହି ସମୟ ମଧ୍ୟରେ ନ ଜଣାଇଲେ ପ୍ରଶାସନ ପକ୍ଷରୁ ସେଠାରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଗୁରୁବାର ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଅନୁଗୋଳ କୁଶାସିଂହାରେ ନିର୍ମାଣ ହେଉଥିବା ଡମ୍ପିଂୟାର୍ଡକୁ ଗତ ୧୫ ତାରିଖରେ ଗ୍ରାମବାସୀ ବିରୋଧ କରିଥିଲେ। ଏ ନେଇ ପୋଲିସ ପକ୍ଷରୁ ୧୦୭ ଜାରି କରାଯାଇଥିଲା। ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ ବୈଠକ ବସିଥିଲା। ଡମ୍ପିଂୟାର୍ଡକୁ ବିରୋଧ କରିଥିବା ଗ୍ରାମବାସୀଙ୍କୁ ଅନ୍ୟ ସହରରେ ହୋଇଥିବା ଡମ୍ପିଂୟାର୍ଡ ବୁଲାଇ ଦେଖାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ସେଠାରେ ଡମ୍ପିଂୟାର୍ଡ ନୁହେଁ ପ୍ରୋସେସ୍ ୟୁନିଟ୍ ହେବ ବୋଲି ବୁଝାଯାଇଥିଲା। ସେଠାରୁ ଉତ୍ପାଦନ ହେବାକୁ ଥିବା ସାର ଗ୍ରାମବାସୀଙ୍କୁ ଶସ୍ତାରେ ଯୋଗାଇ ଦିଆଯିବା ସହ ଲୋକମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏଥିସହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଗ୍ରାମ ପୋଖରୀର ପୁନରୁଦ୍ଧାର କରାଯିବ ବୋଲି ପ୍ରଶାସନ ପ୍ରସ୍ତାବ ଦେଇଥିଲା। ହେଲେ ଗ୍ରାମବାସୀ ସମସ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। ଗ୍ରାମରେ ବୈଠକ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖିଆମାନେ କହିଥିଲେ। ପ୍ରଶାସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସେମାନଙ୍କୁ ସମୟ ଦିଆଯାଇଥିବା ଉପଜିଲାପାଳ ଶତପଥୀ କହିଛନ୍ତି। ରାଜ୍ୟ ସରକାର ୨୦୦୯ରୁ ୫ ଏକର ଜାଗା ଡମ୍ପିଂୟାର୍ଡ ନିର୍ମାଣ କରିବାକୁ ଦେଇଛନ୍ତି। ଏଥିରେ ଗ୍ରାମବାସୀ ବିରୋଧ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକ।

■ ଜମି ଚିହ୍ନଟ ପାଇଁ ମିଳୁନି ଅନୁମତି

# ଜିଲାପାଳଙ୍କଠାରେ ଅଭିଯୋଗ

ବଇଣ୍ଡା,୨୦।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ସୋଲଣ୍ଡା ଗ୍ରାମର ପ୍ରହ୍ଲାଦ ସାହୁଙ୍କ ଜମି ଚିହ୍ନଟ ପାଇଁ ଆବେଦନ ସତ୍ତ୍ୱେ କିଶୋରନଗର ତହସିଲ ପକ୍ଷରୁ ଅନୁମତି ଦିଆଯାଉ ନାହିଁ। ଏ ନେଇ ପ୍ରହ୍ଲାଦଙ୍କ ଝିଅ ସବିତା ସାହୁ ସୋମବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ତାଙ୍କ ବାପାଙ୍କ ନାମରେ ସୋଲଣ୍ଡା ମୌଜାରେ ଖାତା ନଂ.୧୨୨/୩୨ ପ୍ଲଟ୍ ନଂ. ୪୨୪/୨୪୮୮ରେ ଥିବା ଘରଡିହ ୨୧ ଡିସିମିଲି ଜମିକୁ ସେହି ଗ୍ରାମର ୩ ଜଣ ଯୁବକ ଜବରଦଖଲ କରି ପାଇଖାନା ନିର୍ମାଣ କରିଛନ୍ତି। ପ୍ରତିବାଦ କରିବାରୁ ସେମାନେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଛନ୍ତି। ଏ ସଂକ୍ରାନ୍ତରେ ତା ୨୨/୧୦/୨୦୧୮ରିଖରେ ହଣ୍ଡପା ଥାନା ପରେ ୨୬/୧୦/୨୦୧୮ରେ କିଶୋରନଗର ତହସିଲ ଅଫିସରେ ଜମି ଚିହ୍ନଟ କରି ଜବରଦଖଲରୁ ମୁକ୍ତ କରିବା ପାଇଁ ସେ ଆବେଦନ କରିଥିଲେ। ଉକ୍ତ ଜମିକୁ ଶୀଘ୍ର ଚିହ୍ନଟ ପାଇଁ ହଣ୍ଡପା ଆଇଆଇସି ଡାନିଏଲ କେରେକେଟା ଚିଠି ନଂ.୨୦୯୫ ତା. ୩୧।୧୦।୨୦୧୮ରେ ତହସିଲଦାରଙ୍କୁ ଅବଗତ କରାଇଥିଲେ। ହେଲେ କୌଣସି ସୁଫଳ ମିଳିପାରୁ ନାହିଁ। ତାଙ୍କ ଜମିକୁ ହଡ଼ପ କରିବା ପାଇଁ ଉଦ୍ୟମ କରାଯାଉଥିବା ସବିତା ଅଭିଯୋଗ କରିଛନ୍ତି। ସେହିପରି ଜିଲାପାଳଙ୍କ ଜନ ଶୁଣାଣିରେ ଦରଖାସ୍ତ ଧରି ବୁଧବାର ଚିହ୍ନଟ ଅନୁମତି ଦେବା ପାଇଁ ତହସିଲ କାର୍ଯ୍ୟାଳୟକୁ ଯାଇଥିବାବେଳେ ତାଙ୍କୁ ଅନୁମତି ନ ଦେଇ ବାହାର କରି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ତୁରନ୍ତ ତାଙ୍କ ଜମିକୁ ଜବରଦଖଲ ମୁକ୍ତ କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ନେଇ କିଶୋରନଗର ଭାରପ୍ରାପ୍ତ ତହସିଲଦାର ଲୋପାମୁଦ୍ରାଙ୍କୁ ପଚାରିବାରୁ ସେ କୌଣସି ମନ୍ତବ୍ୟ ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

# ସାହସିକତା ପାଇଁ ସମ୍ବର୍ଦ୍ଧିତ

ତାଳଚେର,୨୦।୧୨(ନି.ପ୍ର.)

ସାହସର ସହ ଟ୍ରେନ୍ ଚକା ତଳୁ ଜଣେ ସହପାଠିନୀଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିବା ତାଳଚେର ବ୍ଲକ ଘଣ୍ଟପଡା ନୋଡାଲ ଉଚ୍ଚ ବିଦ୍ୟାଳୟର ଶ୍ରୀମତୀ ବଦ୍ରାଙ୍କୁ ଗୁରୁବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ୬ ତାରିଖରେ ସ୍କୁଲରୁ ଫେରୁଥିବା ୬ଷ୍ଠ ଶ୍ରେଣୀର ଛାତ୍ରୀ ପ୍ରମିଳା ମୁଣ୍ଡା ଠିଆ ହୋଇଥିବା ଏକ ଟ୍ରେନ୍ ତଳେ ଗଳି ଯାଉଥିଲେ। ଏହି ସମୟରେ ହଠାତ୍ ଟ୍ରେନ୍‌ଟି ଗଡ଼ିବାକୁ ଆରମ୍ଭ କରିଥିଲା। ସାଥିରେ ଥିବା ୪ର୍ଥ ଶ୍ରେଣୀ ଛାତ୍ରୀ ଶ୍ରୀମତୀ ବଦ୍ରା ପ୍ରମିଳାଙ୍କ ହାତ ଧରି ବାହାରକୁ ଭିଡ଼ି ଆଣିଥିଲେ। ଏଥିସହ ଗୋଡ଼ କଟିଯାଇଥିବା ପ୍ରମିଳାଙ୍କୁ ନିଜ କାନ୍ଧରେ ଘର ପର୍ଯ୍ୟନ୍ତ ବୋହି ଆଣି ଜୀବନ ରକ୍ଷା କରିପାରିଥିଲେ। ଏହି ସାହସିକତା ପାଇଁ ପ୍ରଶାସନ ପକ୍ଷରୁ ମଧ୍ୟାହ୍ନରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଶ୍ରୀମତୀ ବଦ୍ରାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗୋଡ ହରାଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବା ଛାତ୍ରୀ ପ୍ରମିଳାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଶିକ୍ଷକ ଉମେଶ ପ୍ରସାଦ ମିଶ୍ର ଏବଂ ସାମାଜିକ କର୍ମୀ କ୍ଷୀରୋଦ ସାହୁ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଅନୁଗୋଳ ଅଫିସ, ୨୦।୧୨

ଅନୁଗୋଳସ୍ଥିତ ଏକ କଲେଜରେ ଅଧ୍ୟୟନ କରୁଥିବା ଜଣେ ଯୁକ୍ତ ୨ ଛାତ୍ରୀ ଗୁରୁବାର କୀଟନାଶକ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ତେବେ କେଉଁ କାରଣରୁ ସେ ଏପରି ଘଟଣା ଘଟାଇଛନ୍ତି ତାହା ଜଣାପଡ଼ି ନାହିଁ। ଏ ନେଇ ଉକ୍ତ ମହାବିଦ୍ୟାଳୟ ଅଧକ୍ଷ କହିଛନ୍ତି, ଛାତ୍ରୀ ଜଣଙ୍କ କୀଟନାଶକ ପାନ କରିଥିବା ସୂଚନା ପାଇଛୁ। ମାଣବସା ଗୁରୁବାର ଥିବାରୁ ମହାବିଦ୍ୟାଳୟ ଛୁଟି ଘୋଷଣା କରାଯାଇଥିଲା। କୌଣସି କ୍ଲାସ ବା ଏକ୍ସଟ୍ରା କ୍ଲାସ ନ ଥିବାବେଳେ ଛାତ୍ରୀ କେଉଁଠି କି ଆସିଥିଲେ ତାହା ସେ ଜାଣି ନ ଥିବା କହିଛନ୍ତି।

# ମୃତଦେହ ରଖି କ୍ଷତିପୂରଣ ଦାବି

ତାଳଚେର,୨୦।୧୨ (ନି.ପ୍ର.)

ନିଯୁକ୍ତି, କ୍ଷତିପୂରଣ ଦାବିରେ ଜଣେ କ୍ଷତିଗ୍ରସ୍ତଙ୍କ ମୃତ ଶରୀରକୁ ଏମ୍‌ସିଏଲ୍‌ର ଜଗନ୍ନାଥ ଏରିଆ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ପରିବାର ପକ୍ଷରୁ ଗୁରୁବାର ଗଣଧାରଣା ଦିଆଯାଇଛି। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ତାଳଚେର ବ୍ଲକ ବଲଣ୍ଡା ଗ୍ରାମର ସହଦେବ ନାଏକଙ୍କ ଜମି କୋଇଲା ଖଣି ନିମନ୍ତେ ଅଧିଗ୍ରହଣ ହୋଇଥିଲା। ଦୀର୍ଘବର୍ଷ ବିତି ଯାଇଥିଲେ ହେଁ ତାଙ୍କ ପୁଅ ଅରୁଣ ନାଏକ (୪୦)ଙ୍କୁ ଚାକିରି ମିଳି ନ ଥିଲା। ଏଥିପାଇଁ ବାରମ୍ବାର ଦୌଡି ଶେଷରେ ଅରୁଣ ରୋଗାକ୍ରାନ୍ତ ହୋଇ ଯାଇଥିଲେ। ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିବା ପରେ ପରିବାର ବର୍ଗ ମୃତଦେହ ଆମ୍ବୁଲାନ୍ସରେ ଆଣି ଜଗନ୍ନାଥ ଏରିଆ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣାରେ ବସିଛନ୍ତି। ଖଣି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଅରୁଣଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇ ନିଯୁକ୍ତି, କ୍ଷତିପୂରଣ ଦାବି କରାଯାଇଛି। କଲିୟାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛି।


ଜଗନ୍ନାଥ ଏରିଆ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।


# INDIAN NAVY

AN OCEAN OF OPPORTUNITIES

*Indian Navy invites online applications from unmarried male candidates (who fulfill eligibility conditions as laid down by the Government of India) for enrolment as Sailor for entries given below:-*



Scan this QR Code to apply online



| S.No. | Entry | Age | Education Qualification | Pay Structure |
|---|---|---|---|---|
| (i) | Artificer Apprentice (AA) | Born Between 01 Aug 1999 to 31 Jul 2002 (Both dates inclusive) | Must have passed 10+2 with 60% or more marks in aggregate with Maths and Physics mandatory from educational boards recognized by MHRD, Govt of India | After successful completion of training, will be placed in level 3 of Defence pay Matrix (Rs.21,700/- to 69,100/-) & MSP @ RS.5200/- per month plus DA (as applicable) |
| (ii) | Senior Secondary Recruit (SSR) | Born Between 01 Aug 1998 to 31 Jul 2002 (Both dates inclusive) | Must Have passes 10+2 with Maths and Physics mandatory from educational boards recognized by MHRD, Govt of India | |
| (iii) | Matric Recruit (MR) | Born Between 01 Oct 1998 to 30 Sept 2002 (Both dates inclusive) | Must have passed Matriculation examination from educational boards recognized by MHRD, Govt of India | |

**Note:** Artificer Apprentice will be additionally admissible for 'X' Group Pay @ Rs.6200/- per month plus DA (as applicable).

**ONLINE APPLICATION FOR SAILOR'S ENTRIES WILL BE OPEN UNTIL 30 DEC 2018**

**Note:** (i) Identity proof is mandatory for online registration
(ii) Please read the instructions given in the website carefully before submitting your "e – Application"form.
For details visit www.joinindiannavy.gov.in & Employment News dated 15 December 2018.

davp10701/11/0034/1819

## ଆଜି କ'ଣ କେଉଁଠି

ଢେଙ୍କାନାଳ

- ଶ୍ରୀଶ୍ରୀ ଅଭିରାମ ପରମହଂସଙ୍କ ବାର୍ଷିକ ଉତ୍ସବ, **ସ୍ଥାନ:** ମିନି ଷ୍ଟାଡିୟମ୍, **ସମୟ:** ପୂର୍ବାହ୍ନ ୮ଟା।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ସାତମାଇଲ, ୨୦।୧୨(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ପାଟଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଏ.ଏସ୍. ଆଶୀର୍ବାଦ ସ୍ୱାଇଁ ଜିଲାସ୍ତରୀୟ ବିଜ୍ଞାନମେଳାରେ କୃତିତ୍ୱ ଅର୍ଜନ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଏହି ସଫଳତା ଲାଗି ତାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆଶୀର୍ବାଦ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ଆୟୋଜିତ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ତାଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ 'ଟମାଟୋ ସଂରକ୍ଷଣ ଗୃହ' ବିଚାରକମଣ୍ଡଳୀ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

## କିଡ୍‌ଜୀ ସ୍କୁଲର ବାର୍ଷିକ ଉତ୍ସବ



**ଢେଙ୍କାନାଳ ଅଫିସ, ୨୦।୧୨:** ଢେଙ୍କାନାଳ କିଡ୍‌ଜୀ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂଦେଓ, ସମ୍ମାନିତ ଅତିଥି ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି, ମୁଖ୍ୟବକ୍ତା କରନ ପାଲ ପ୍ରମୁଖ ମଞ୍ଚାସୀନ ଥିଲେ। ବନ୍ଦନା ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅର୍ପିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନିର୍ଦ୍ଦେଶକ ସଞ୍ଜୀବ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଜୟ ତ୍ରିପାଠୀ, ପ୍ରତୀକ୍ଷା ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଙ୍କିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୁଇଜ୍ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୦।୧୨:** ଓଡ଼ାପଡ଼ା ବ୍ଲକ ଅଙ୍କରାନ୍ତିପୁରରେ ଗୁରୁବାର ଲକ୍ଷ୍ମୀପୂଜା ପାଳିତ ହୋଇଯାଇଛି। ନୂଆସାହିର ମହିଳାମାନେ କଳସ ଶୋଭାଯାତ୍ରାରେ ପୋଖରୀରୁ ଜଳ ଆଣି ଘଟସ୍ଥାପନ କରିଥିଲେ। ଏହାପରେ ମାଣ ବସାଯିବା ସହିତ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲକ୍ଷ୍ମୀପୂଜାକୁ ନେଇ ଆୟୋଜିତ ହୋଇଥିଲା କୁଇଜ୍ ପ୍ରତିଯୋଗିତା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅକ୍ଷୟ ନାୟକ, ରାଜୁ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଇନ୍ଦିପୁରରେ ଲକ୍ଷ୍ମୀନାରାୟଣଙ୍କ ପୂଜା



**ଓଡ଼ାପଡ଼ା, ୨୦।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମ ଦଳିତ ସାହିରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଲକ୍ଷ୍ମୀନାରାୟଣଙ୍କ ଆବାହନ। ଏହି ଅବସରରେ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ଭଜନ ସଙ୍ଗୀତରେ ଗ୍ରାମ୍ୟ ପରିବେଶ ମୁଖରିତ ହୋଇଉଠିଛି। ୨୦ ତାରିଖରେ ଠାକୁରଙ୍କୁ ବିସର୍ଜନ କରାଯିବ। ପ୍ରମୋଦ ନାୟକ କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ଏଥିରେ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ■ ସରକାରୀ ବାଳିକା ହାଇସ୍କୁଲ ମିଶ୍ରଣ ବିବାଦ

# ହେଉନି ସମାଧାନ, ଅଚଳାବସ୍ଥା ଜାରି

ଭୁବନ, ୨୦।୧୨(ଡି.ଏନ.ଏ.)



ସ୍କୁଲରେ ଝୁଲୁଛି ତାଲା। ୭ଦିନ ହେଲା ମଧାହ୍ନଭୋଜନ, ପାଠପଢ଼ା ସବୁ ବନ୍ଦ। କଥା ଯାଇ ପହଞ୍ଚିଲାଣି ମନ୍ତ୍ରୀ, ସଚିବଙ୍କଠାରୁ ଆରମ୍ଭ ଜିଲା ଶିକ୍ଷା ବିଭାଗ ମୁଖିଆଙ୍କ ପାଖରେ। ହେଲେ ଆଲୋଚନା ଲାଗି କେହି ଆଗଭର ହେଉନାହାନ୍ତି। ସମସ୍ୟା ସମାଧାନର ବାଟ ବାହାରୁ ନ ଥିବାବେଳେ ଶିକ୍ଷା ବିଭାଗର ନୀରବତା ଅସନ୍ତୋଷକୁ ଆହୁରି ତୀବ୍ର କରିଛି। ଏପରି ଦାୟିତ୍ୱହୀନତା ଲାଗି ବିଭାଗୀୟ ଅଧିକାରୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି ଅଭିଭାବକ। ସମସ୍ୟା ସମାଧାନ ନ ହେଲେ ଜାନୁୟାରୀ ୩ରୁ ଅନିର୍ଦ୍ଦିଷ୍ଟ କାଳଯାଏ ଭୁବନ ବନ୍ଦ କରାଯାଇ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ସେମାନେ।

ଭୁବନ ଅଞ୍ଚଳର ଅନ୍ୟତମ ପୁରାତନ ସରକାରୀ ବାଳିକା ହାଇସ୍କୁଲକୁ ବାଳକ ଉଚ୍ଚ ବିଦ୍ୟାଳୟରେ ସମ୍ମିଶ୍ରଣ ସମ୍ପର୍କିତ ସରକାରୀ ନିର୍ଦ୍ଦେଶନାମା ପରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଞ୍ଚଳବାସୀ। ସ୍କୁଲ ଆଗରେ ଧାରଣା ଜାରି ରହିଛି। ହେଲେ ଏଯାଏ ଜିଲା ଶିକ୍ଷା ବିଭାଗ ଏହାକୁ ଅତ୍ୟନ୍ତ ହାଲୁକା ଭାବରେ ନେଉଛି। ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବାକୁ କେହି ଆସୁନାହାନ୍ତି। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସ୍କୁଲରେ ତାଲା ପଡ଼ିଥିବାରୁ ଗୁରୁବାର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ରାସ୍ତାପାର୍ଶ୍ୱରେ ଥିବା ଏକ ଦୋକାନରେ ବସି ପରୀକ୍ଷାର୍ଥୀଙ୍କ ଖାତା ମୂଲ୍ୟାଙ୍କନ କରିଥିଲେ।

ଅନ୍ୟପଟେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବାକୁ ଗୁରୁବାର ପୁଣିଥରେ ଏକାଠି ହୋଇଥିଲେ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ବଣିକ ସଂଘର କର୍ମକର୍ତ୍ତା। ବିଭାଗୀୟ ଅଧିକାରୀ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସତ୍ତ୍ୱେ କେହି ଶୁଣୁନାହାନ୍ତି।

- ■ରାସ୍ତାକଡ଼ରେ ପରୀକ୍ଷା ଖାତା ମୂଲ୍ୟାଙ୍କନ
- ■୭ଦିନ ହେଲା ମଧାହ୍ନଭୋଜନ ବନ୍ଦ
- ■ଜାନୁୟାରୀ ୩ରେ ଭୁବନ ବନ୍ଦ ଡାକରା

ଲୋକଙ୍କ ଦାବିକୁ ଅଣଦେଖା କରାଯାଉଛି। ପରୀକ୍ଷା ମୁଣ୍ଡ ଉପରେ ଥିବାବେଳେ ପାଠପଢ଼ା ବନ୍ଦକୁ ନେଇ ପିଲାମାନେ ଚିନ୍ତିତ। ଶିକ୍ଷା ବିଭାଗ ସମାଧାନର ପନ୍ଥା ବାହାର ନ କଲେ ପ୍ରଶାସନିକ କାର୍ଯ୍ୟ ଠପ୍ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ସ୍କୁଲ କମିଟିର ଚୈତନ୍ୟ ମିଶ୍ର, ନୂଆ ବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ ପୃଷ୍ଟି, କାଳୀବଜାର ବଣିକ ସଂଘ ସଭାପତି ସମୀର ସାହୁ, ଗଣେଶ ବଜାର ବଣିକ ସଂଘ ସଭାପତି ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଦୋଳନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲାପାଳ, ଉପଜିଲାପାଳ, ତହସିଲଦାରଙ୍କୁ ଅବଗତ କରାଇବାକୁ ନିଷ୍ପତ୍ତି ହୋଇଛି।

### ■ ଘରେ ବସିଛନ୍ତି ଆଇଟିଆଇ ଛାତ୍ରୀଛାତ୍ର

# ଅନଶନ ଚେତାବନୀ

ଓଡ଼ାପଡ଼ା, ୨୦।୧୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଣ୍ଟାବଣିଆସ୍ଥିତ ଭୂଷଣ ଷ୍ଟିଲ କମ୍ପାନୀ କ୍ଷତିଗ୍ରସ୍ତ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ଦୀର୍ଘଦିନ ହେଲା ନିଯୁକ୍ତି ମିଳୁନାହିଁ। ଏହାର ପ୍ରତିବାଦରେ ଘରେ ବସିଥିବା ୧୧୪ଜଣ ଆଇଟିଆଇ ପାସ୍‌ଧାରୀ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶିଳ୍ପ ପ୍ରଭାବିତଙ୍କୁ ଚାକିରି ଆଶା ଦେଖାଇଥିଲା ଭୂଷଣ ଷ୍ଟିଲ। ୨୦୦୬ରୁ ୨୦୧୨ ମଧ୍ୟରେ ୪ ପର୍ଯ୍ୟାୟରେ ତାଳଚେର ଏବଂ କଟକସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ୨ବର୍ଷିଆ ପ୍ରଶିକ୍ଷଣ ଶେଷ କରିଥିଲେ ଅନେକ ଶିକ୍ଷିତ ଯୁବକ। ହେଲେ ପାଠପଢ଼ା ଶେଷ ହେବାପରେ କମ୍ପାନୀ କର୍ତ୍ତୃପକ୍ଷ ଦିନ ଗଡ଼ାଇ ଚାଲିଲେ। ଏ ନେଇ ଏକାଧିକ ଥର ଅବଗତ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ କିଛିଦିନ ତଳେ ଛାତ୍ରୀଛାତ୍ରମାନେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୫ଦିନ ମଧ୍ୟରେ ନିଯୁକ୍ତି ଦିଆଯିବ ବୋଲି ଉକ୍ତ ସମୟରେ ସରକାର ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୩ମାସ ବିତିଯାଇଥିଲେ ମଧ୍ୟ ପ୍ରତିଶ୍ରୁତି ପୂରଣ କରାଯାଇନାହିଁ। ତେଣୁ ସମ୍ପୃକ୍ତ ତାଲିମଧାରୀମାନେ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଜନପ୍ରତିନିଧିଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।

# ପୋଡ଼ାଗଲା ଗଞ୍ଜେଇ ଚାଷ

ଲମତାପୁଟ/କୋରାପୁଟ, ୨୦।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର କୋରାପୁଟ ଅବକାରୀ ବିଭାଗ ଓ ଡିଭିଏଫ୍, ବନ ବିଭାଗ ମିଳିତ ଭାବେ ଗଞ୍ଜେଇ ଚାଷ ହୋଇଥିବା ଅଞ୍ଚଳରେ ଚଢ଼ାଉ କରିଛି। ଆନ୍ଧ୍ର ସୀମାନ୍ତରେ କରାଯାଇଥିବା ୩୨ ଏକର ଜମିରେ ଗଞ୍ଜେଇ ନଷ୍ଟ କରାଯାଇଛି, ଯାହାର ମୂଲ୍ୟ ପ୍ରାୟ ୩ କୋଟି ୨୦ ଲକ୍ଷ ଟଙ୍କା ହେବ। ମାଓବାଦୀପ୍ରବଣ ଲମତାପୁଟ ବ୍ଲକର ବାଲେଲ ପଞ୍ଚାୟତର ବିଭିନ୍ନ ପାହାଡ଼ିଆ ଜମିରେ କରାଯାଇଥିବା ଏହି ଚାଷରେ ଗଞ୍ଜେଇ ଗଛ ଓପାଡ଼ି ତାକୁ ପୋଡ଼ିଯାଇଛି। ଚଢ଼ାଉରେ ଅବକାରୀ ବିଭାଗ, ମାଛକୁଣ୍ଡ, ଲମତାପୁଟ, ଜଲାପୁଟ ପୋଲିସ ସମେତ ମାଜିଷ୍ଟ୍ରେଟ୍ ଭାବେ ଲମତାପୁଟ ବିଡିଓ ସୌମ୍ୟସାର୍ଥକ ମିଶ୍ର, ପ୍ରମୁଖ ସାମିଲ ଥିଲେ।

# 'ଉତ୍ସବ ପ୍ରତିଭା ଅନ୍ୱେଷଣର ଉତ୍ସ'

ଢେଙ୍କାନାଳ ଅଫିସ, ୨୦।୧୨

ଢେଙ୍କାନାଳ ସହର ଉପକଣ୍ଠ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା ସମିତି ସଭାପତି କ୍ଷେତ୍ରବାସୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବୈଜ୍ଞାନିକ ଇଂ. ଅଭୟ ସୂତାର ଯୋଗଦେଇ କହିଲେ, ଉତ୍ସବ, ସମାରୋହ ପ୍ରତିଭା ଅନ୍ୱେଷଣର ପ୍ରମୁଖ ଉତ୍ସ। ଶିକ୍ଷକ ଏବଂ ଅଭିଭାବକ ଏ ଦିଗରେ ଯତ୍ନବାନ ହେଲେ ପିଲାଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ଶିକ୍ଷା ବିକାଶ ସମିତି ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଦଶମ ଶ୍ରେଣୀ ଛାତ୍ର ଅଶ୍ୱିନୀ ମିଶ୍ର, ୨୦୧୮ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସତ୍ୟଜିତ୍ ପଟ୍ଟନାୟକ ଏବଂ ଯାଜ୍ଞସେନୀ ପତିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମଧ୍ୟ ପୁରସ୍କୃତ ହୋଇଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ସମ୍ପାଦକ ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ ଏବଂ ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଉପସଭାପତି ପୁଷ୍ପଲତା ରଥ ଧନ୍ୟବାଦ ଦେଇଥିଲେ। ଚିନ୍ତାମଣି ନାଥ, ସସ୍ମିତା ବେହେରା, କନକଲତା ପ୍ରଧାନ, ଉଷାରାଣୀ ଦାସ, ସସ୍ମିତା ରଥ, ଅରୁନ୍ଧତୀ ମହାପାତ୍ର, ମମତା ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବ ସମାରୋହରେ ମଞ୍ଚାସୀନ ଅତିଥିମାନେ।

## ୧୪ରୁ ଆଇଆଇଏମ୍‌ସିରେ ଫିଲ୍ମ ଚକ୍କର-୨

ଢେଙ୍କାନାଳ ଅଫିସ, ୨୦।୧୨

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ୧୪ ତାରିଖରୁ ଆରମ୍ଭ ହେଉଛି ଫିଲ୍ମ ଚକ୍କର-୨। ୩ଦିନ ଧରି ଆୟୋଜିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ବଛାବଛା ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଖ୍ୟାତନାମା ଚଳଚ୍ଚିତ୍ର ସମୀକ୍ଷକ ଡ. ପୀୟୂଷ ରାୟଙ୍କ ସଂଯୋଜନାରେ ଚଳଚ୍ଚିତ୍ର ଆପ୍ରିସିଏଶନ କର୍ମଶାଳା କରାଯିବ। ସେହିପରି ୧୬ତାରିଖରେ ହେବାକୁ ଥିବା 'ଭାରତୀୟ ଚଳଚ୍ଚିତ୍ରରେ ରାଜନୀତିର ପ୍ରତିଛବି' ଶୀର୍ଷକ ଆଲୋଚନାଚକ୍ରରେ ଭାରତୀୟ ରାଜନେତାଙ୍କ ପରିବର୍ତ୍ତିତ ଭାବମୂର୍ତ୍ତି, ସେମାନଙ୍କ ଉତ୍ତରାଧିକାରୀଙ୍କୁ ଚିତ୍ରଣ କଲାବେଳେ ସାବଧାନତା ଅବଲମ୍ବନ ସମ୍ପର୍କରେ ସମୀକ୍ଷା କରାଯିବ ବୋଲି ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଛନ୍ତି। ଏହି ଅବସରରେ ଡ. ପୀୟୂଷ ରାୟଙ୍କ ପ୍ରାମାଣିକ ଚଳଚ୍ଚିତ୍ର ପ୍ଲେଜର୍ସ, ପ୍ରିଜୁଡାଇସ୍, ପ୍ରାଇଡ୍-ଆନ୍ ଇଣ୍ଡିଆନ୍ ୱେ ଅଫ୍ ଫିଲ୍ମ ମେକିଂ ମୁକ୍ତିଲାଭ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହ ଆଇଆଇଏମ୍‌ସି ପକ୍ଷରୁ ମନୋରଞ୍ଜନ ସାମ୍ବାଦିକତା ଏବଂ ଡ. ମୃଣାଳ ଚାଟାର୍ଜୀଙ୍କ ଲିଖିତ ୨ଟି ପୁସ୍ତକ ୱିଣ୍ଡୋସିଟ୍-୨୦୧୮, ପଥେପ୍ରାନ୍ତରେ-୨୦୧୮ ଉନ୍ମୋଚିତ ହେବ। ଚଳଚ୍ଚିତ୍ର ଗବେଷକ ସୂର୍ଯ୍ୟ ଦେଓଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସମୟର ଚଳଚ୍ଚିତ୍ର ପତ୍ରିକାକୁ ନେଇ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ ବୋଲି ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି।

# ଭୁବନରେ ଖୋଲିବ 'ଆହାର' କେନ୍ଦ୍ର



ପ୍ରସ୍ତାବିତ ଅସ୍ଥାୟୀ ଆହାର କେନ୍ଦ୍ର ଗୃହ ପରିଦର୍ଶନ କରୁଛନ୍ତି ଅଧିକାରୀ।

ଭୁବନ, ୨୦।୧୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ଆହାର କେନ୍ଦ୍ର ଖୋଲିବ। ଏଥିଲାଗି ଗୁରୁବାର ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ କରାଯାଇଛି। ପୁରୁଣା ଥାନା ପରିସରରେ ଅସ୍ଥାୟୀ ଭାବେ ଆହାର କେନ୍ଦ୍ର ଖୋଲିବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ଜାଗା ଚିହ୍ନଟ ବେଳେ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ଜଗଦୀଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ଉପଜିଲାପାଳ କୁହନ୍ତି, ଜାନୁୟାରୀ ୨୦ ସୁଦ୍ଧା ଆହାର କେନ୍ଦ୍ର କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୩୦୦ ଜଣଙ୍କ ପାଇଁ ଖାଦ୍ୟ ସୁବିଧା ହେବ। ଲୋକଙ୍କ ସଂଖ୍ୟା ବଢ଼ିଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ବୃଦ୍ଧି କରାଯିବ। ରାଜ୍ୟ ସରକାରଙ୍କ ଆହାର ଯୋଜନା ମାଧ୍ୟମରେ ୫ଟଙ୍କାରେ ଲୋକଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦିଆଯିବ। ଏଥିରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ସମସ୍ତ ପଦକ୍ଷେପ ନିଆଯିବ। ଏହାଦ୍ୱାରା ଅଞ୍ଚଳର ଶତାଧିକ ଶ୍ରମଜୀବୀ, ଖଟିଖିଆ ଶ୍ରେଣୀର ଲୋକେ ଉପକୃତ ହେବେ ବୋଲି ସେ କହିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ କୁହନ୍ତି, ଜିଲା ଆହାର ସୋସାଇଟି ପକ୍ଷରୁ ଭୁବନ କେନ୍ଦ୍ରକୁ ଖାଦ୍ୟ ଯୋଗାଇ ଦିଆଯିବକୁ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ଏନ୍‌ଏସି କର୍ତ୍ତୃପକ୍ଷ ଆହାର କେନ୍ଦ୍ରର ପରିଚାଳନା କରିବେ ବୋଲି ସେ ସୂଚନା ଦେଇଛନ୍ତି।

# ଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା

ଢେଙ୍କାନାଳ ଅଫିସ, ୨୦।୧୨

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ। ଗଣଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ସାଥ୍ କାର୍ଯ୍ୟକ୍ରମ, ବିଦ୍ୟାଳୟ ମିଶ୍ରଣ, ମନିଟରିଂ, ଗୁଣାତ୍ମକ ଶିକ୍ଷା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରତିମାସରେ ବୈଠକ କରି ସାଥ୍ କାର୍ଯ୍ୟକ୍ରମର ସମୀକ୍ଷା କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଡିଇଓ ସୁଧାନନ୍ଦ ପରିଡ଼ା, କାର୍ଯ୍ୟକ୍ରମ ଅଧିକାରୀ ମୁକେଶ ସିଂ ଶେଖାୱତ, ସଂଘମିତ୍ରା ତ୍ରିପାଠୀ, ବିଭିନ୍ନ ବ୍ଲକର ବିଇଓ, ଏବିଇଓ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

## ବାପୁଜୀ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଢେଙ୍କାନାଳ ଅଫିସ, ୨୦।୧୨

ଢେଙ୍କାନାଳ ବାଜିଚୌକସ୍ଥିତ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଇଓ ନିତ୍ୟାନନ୍ଦ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଅଭିଭାବକ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗରେ ପିଲାଙ୍କ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଅନ୍ୟତମ ଅତିଥିଭାବେ ପୁରାତନ ଛାତ୍ର ଗୁପ୍ତେଶ୍ୱର ମିଶ୍ର, ସଂଗ୍ରାମ କେଶରୀ ପାଣି, ପରିଚାଳନା ପରିଷଦ ସଭାପତି ଦେବେନ୍ଦ୍ର ସିଂ, ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ସିଂ, ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ, ସନ୍ଧ୍ୟାରାଣୀ ମିଶ୍ର, ରଶ୍ମିରେଖା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା ଆଚାର୍ଯ୍ୟ ଅତିଥି ପରିଚୟ ଦେଇଥିବାବେଳେ ପ୍ରତିମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ବାର୍ଷିକ ଉତ୍ସବ ଅବସରରେ ଶ୍ରେଷ୍ଠ ଛାତ୍ରୀ ଖୁସ୍‌ନୁମା ସାଇନ (୮ମ)ଙ୍କୁ ପୂର୍ବତନ ଛାତ୍ର ଗୁପ୍ତେଶ୍ୱର ମିଶ୍ର ଏବଂ କାଶୀନାଥ ମିଶ୍ର ସ୍ମାରକୀ ରନିଂ ଶିଲ୍ଡ ପ୍ରଦାନ କରାଯାଇଥିଲା।

# ଛାତ୍ରୀ ଶିଖିଲେ ଆତ୍ମରକ୍ଷା କୌଶଳ

ଢେଙ୍କାନାଳ ଅଫିସ/ପରଜଙ୍ଗ/ସାତମାଇଲ (ଡି.ଏନ୍.ଏ.), ୨୦।୧୨

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ କନିଷ୍ଠ କଲେଜରେ ଚାଲିଥିବା ଆତ୍ମରକ୍ଷା କୌଶଳ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ୮୮ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ସାନ୍ଧ୍ୟ କଲେଜର ଇତିସ୍ମିତା ଜେନା, ଅସୀମା ପ୍ରିୟଦର୍ଶିନୀ ମାଷ୍ଟର ଟ୍ରେନ୍‌ର ଭାବେ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। କଲେଜ ଉପାଧ୍ୟକ୍ଷ ସମରେନ୍ଦ୍ର ସିଂ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ଚିରଞ୍ଜୀବ ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପରଜଙ୍ଗ କଲେଜରେ ଆୟୋଜିତ ଆତ୍ମରକ୍ଷା ତାଲିମ ଶିବିରରେ ୬୦ଜଣ ଛାତ୍ରୀ ଭାଗନେଇଥିଲେ। ଉଦ୍‌ଯାପନୀ ଦିବସରେ କଲେଜ ଅଧ୍ୟକ୍ଷ ସୁନୀଲ ରଥ, ପ୍ରାଧାପକ ସନାତନ ସାମଲ, ଅଧ୍ୟାପକ ଅଞ୍ଜନ ମହାରଣା, ପ୍ରବୋଧ ରଥ, ଅଧ୍ୟାପିକା ପ୍ରାଚୀପ୍ରଭା ସାଏନ୍ତ, ଜ୍ୟୋତିର୍ମୟୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଙ୍କୁ ଉତ୍ସାହିତ କରାଇଥିଲେ। ପ୍ରତିଭା ପ୍ରଧାନ, ସ୍ୱାଗତିକା ବିଶ୍ୱାଳ ପ୍ରଶିକ୍ଷଣ ଦେଇଥିଲେ। ହିନ୍ଦୋଳ ବ୍ଲକ ପାଇକ ପୁରୁଣାକୋଟସ୍ଥିତ ପାରିକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରୋଗ୍ରାମ ଅଫିସର ବିପ୍ରବର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ୬୬ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଛନ୍ତି। ଅର୍ଚ୍ଚନା ପ୍ରଧାନ ମାଷ୍ଟର ଟ୍ରେନ୍‌ର ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପକ ଗୋବର୍ଦ୍ଧନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ସନ୍ତୋଷ ସାହୁ, ଅଧ୍ୟାପକ ଧୀରେନ ପାଣି, ସମିତା ସାହୁ, ସସ୍ମିତା ପାତ୍ର, ଅନିମା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।



ସଚ୍ଚିଦାନନ୍ଦ କନିଷ୍ଠ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

## ସଂକ୍ଷେପରେ

### ୨୩ରୁ ଜିଲା ଆଥ୍‌ଲେଟିକ୍ସ ମିଟ୍

ଅନୁଗୋଳ ଅଫିସ, ୨୦।୧୨:ଅନୁଗୋଳ ଜିଲା ଆଥ୍‌ଲେଟିକ୍ସ ମିଟ୍ ଆସନ୍ତା ୨୩ ଓ ୨୪ରେ ଅନୁଗୋଳ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ୧୪ ବର୍ଷରୁ ଆରମ୍ଭ କରି ସିନିୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ ବୋଲି ଅନୁଗୋଳ ଜିଲା ଆଥ୍‌ଲେଟିକ୍ସ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ପ୍ରତିଯୋଗୀମାନେ ଅନୁଗୋଳ ଷ୍ଟାଡିୟମରେ ପୂର୍ବାହ୍ନ ୯ଟାରେ ରିପୋର୍ଟିଂ କରିବାକୁ କୁହାଯାଇଛି।

### ଚୋରି ଅଭିଯୁକ୍ତଙ୍କୁ ପୋଲିସ ଜିମା

ଅନୁଗୋଳ ଅଫିସ, ୨୦।୧୨: ଅନୁଗୋଳ ମେଡିକାଲ ପରିସରରୁ ବୁଧବାର ବିଳମ୍ବିତ ରାତିରେ ସାଇକେଲ ଚୋରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ସୁରକ୍ଷାକର୍ମୀମାନେ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ତାଙ୍କ ଘର ବନ୍ତଲା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ପୂର୍ବରୁ ବାରମ୍ବାର ସାଇକେଲ ଚୋରି ହେଉଥିବା ନେଇ ଅଭିଯୋଗ ହେଉଥିଲା।

### ବାଇକ୍ ଚୋର ଗିରଫ

ଅନୁଗୋଳ ଅଫିସ, ୨୦।୧୨: ଅନୁଗୋଳ ମାର୍କେଟ ଛକରୁ ଗତ ୫ ଦିନ ତଳେ ବାଇକ୍ ଚୋରି କରିଥିବା ଅଭିଯୋଗରେ ଶୁଶୁଡ଼ା ଅଞ୍ଚଳର ଲିପୁ ଓରଫ ଦିନେଶ କୁମାର ନାଏକ(୨୩)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଚୋରି ବାଇକ୍ ଜବତ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ମୃଷାପାପୁଲିର ସୁଦନ୍ୟ ସାହୁଙ୍କ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ. ୮୬୯/୧୮ରେ ମାମଲା ରୁଜୁ କରି ତଦନ୍ତ ଚଲାଇଥିଲା।

### ପୁଣି ୩ ଦିନିଆ ରିମାଣ୍ଡରେ ମାଧବ

ଅନୁଗୋଳ ଅଫିସ, ୨୦।୧୨: ଅନୁଗୋଳ ବ୍ୟାଙ୍କ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ମାଧବ ରବି ଦାସ(୫୫)ଙ୍କୁ ପୋଲିସ ପୁଣି ୩ ଦିନିଆ ରିମାଣ୍ଡରେ ଆଣିଛି। ୧୦ ଦିନିଆ ରିମାଣ୍ଡ ଆବେଦନ କରାଯାଇଥିବା ବେଳେ କୋର୍ଟ ୩ ଦିନ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ମାଧବଙ୍କୁ ଗ୍ୟାଙ୍ଗ ସଦସ୍ୟଙ୍କ ସମ୍ପର୍କରେ ପଚରା ଉଚରା କରାଯିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

### ପୂର୍ବତନ କାଉନସିଲରଙ୍କ ବିୟୋଗରେ ଶୋକ

ଅନୁଗୋଳ ଅଫିସ, ୨୦।୧୨: ଅନୁଗୋଳ ପୌରପାଳିକାର ପୂର୍ବତନ କାଉନ୍‌ସିଲର ବସନ୍ତ କର୍ଣ୍ଣ (୭୨)ଙ୍କ ପରଲୋକ ହୋଇଯାଇଛି। ସେ ୧୯୯୨ ରୁ ୧୯୯୫ ପର୍ଯ୍ୟନ୍ତ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ଜନତା ଦଳର ସକ୍ରିୟ କର୍ମୀ, ସଙ୍ଗଠକ ତଥା ଜଣେ ଆତ୍ମୀୟ ଲୋକ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିବାରୁ ତାଙ୍କ ବିୟୋଗ ଖବର ଶୋକର ଛାୟା ଖେଳାଇ ଦେଇଛି। ତାମଡା ଅଧକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକଙ୍କ ଅଧକ୍ଷତାରେ ବାସନ୍ତୀ ପାଠାଗାର ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ କାଉନସିଲର ପ୍ରଦୀପ ଦେବତା, ମନୋଜ ପ୍ରଧାନ, ପ୍ରତାପ ମାଝି, ରବୀନ୍ଦ୍ର ମହାରଣା, ତାରେଣୀ କର୍ଣ୍ଣ, ଦୁଃଖବନ୍ଧୁ ପ୍ରଧାନ, ସଞ୍ଜୀବ କୁମାର ସାହୁ, ବିଜୁ ପ୍ରଧାନ, କୁଲୁ ମହାନ୍ତି, ଟୁଟୁ ପ୍ରଧାନ, କାଳିଆ ସେଠୀ, ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଡିଜେଲ ଚୋରି, ୨ ଗିରଫ

ତାଳଚେର,୨୦।୧୨(ନି.ପ୍ର.): ଲିଙ୍ଗରାଜ କୋଇଲା ଖଣି ଭାରିଯାନରୁ ଡିଜେଲ ଚୋରି କରିବା ଅଭିଯୋଗରେ ତାଳଚେର ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହ ଏକ ଅଟୋ (ନଂ.ଓଆର୧୯ଏଫ-୮୦୮୪)ରୁ ୩୫୦ ଲିଟର ଡିଜେଲ ଜବତ କରିଛି। ଗିରଫମାନେ ହେଲେ ପ୍ରଦ୍ୟୁମ୍ନ ବାରିକ, ଭଞ୍ଜନ ବେହେରା। ଏ ନେଇ ନଂ. ୩୭୧/୧୮ରେ ଏକ ମକଦ୍ଦମା ରୁଜୁ କରାଯାଇଛି। ଡିଜେଲ ଚୋରି କରି ଆସୁଥିବାବେଳେ ପୋଲିସ ହାତରେ ସେମାନେ ଧରାପଡିଥିଲେ। କେତେଜଣ ସିକ୍ୟୁରିଟି ଓ ଖଣି କର୍ମଚାରୀଙ୍କ ସହାୟତାରେ ଏପରି କାରବାର ଚାଲି ଆସିଥିବା ସାଧାରଣରେ ଅଭିଯୋଗ ହେଉଛି।

■ ବିଳମ୍ବ ହେଉଛି ଜମି ଅଧିଗ୍ରହଣ

# ଆଗଉନି ରାଜପଥ ପ୍ରଶସ୍ତୀକରଣ

ଛେଣ୍ଡିପଦା,୨୦।୧୨ (ଡି.ଏନ.ଏ.)

■ଜମି, ବାସଗୃହ ମୂଲ୍ୟାୟନରେ ତ୍ରୁଟି ଅଭିଯୋଗ

■ନିର୍ଦ୍ଧାରିତ ସମୟରେ ନିର୍ମାଣ ଶେଷ ନେଇ ଆଶଙ୍କା

■ଜମି କ୍ଲିୟରାନ୍ସ ପରେ କାମ ଆଗେଇବ- ଠିକାସଂସ୍ଥା



ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ଆରମ୍ଭକୁ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଛି। ଜାତୀୟ ରାଜପଥ ବିଭାଗ(ଏନ୍‌ଏଚ୍‌ଏଆଇ) ତରଫରୁ ଅନୁଗୋଳଠାରୁ ଢେଙ୍କାନାଳ ଓ ମଙ୍ଗୁଳି ଛକ କଟକ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ରାଜପଥ ଚାରିଥାକିଆ କରିବାକୁ ଆବଶ୍ୟକତା ଅନୁଯାୟୀ ଜମି ଅଧିଗ୍ରହଣରେ ବିଳମ୍ବ ହେଉଛି। ଫଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ରାସ୍ତା ପ୍ରଶସ୍ତୀକରଣ ଶେଷ ହେବା ନେଇ ଆଶଙ୍କା ଉପୁଜିଛି।

ବିଶେଷ କରି ସ୍ଥାନୀୟ ଜିଲା ପ୍ରଶାସନ ତଥା ଜାତୀୟ ରାଜପଥ ବିଭାଗ ପକ୍ଷରୁ ଜମି ସବୁ ଠିକ୍ ଭାବରେ ଅଧିଗ୍ରହଣ କରାଯାଇପାରୁ ନାହିଁ। ଜିଲା ଭୂ-ଅର୍ଜନ ବିଭାଗ ପକ୍ଷରୁ ସମ୍ପୃକ୍ତ ଜମି କ୍ଷତିଗ୍ରସ୍ତ ତଥା ବାସହରା ପ୍ରଜାମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବା କ୍ଷେତ୍ରରେ ବିଳମ୍ବ କରାଯାଉଛି। ଅଧିକାଂଶ ସ୍ଥାନରେ ଜମି ଏବଂ ବାସଗୃହ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଯୋଗୁ ପ୍ରଜା ଜିଲାପାଳଙ୍କଠାରେ ସେମାନଙ୍କ ଅଭିଯୋଗ ଉପସ୍ଥାପନ କରୁଛନ୍ତି। କ୍ଷତିଗ୍ରସ୍ତ ପ୍ରଜା ଉପଯୁକ୍ତ କ୍ଷତିପୂରଣ ପାଇପାରୁ ନ ଥିବାରୁ ଅନେକ ସ୍ଥାନରେ ପ୍ରଶାସନ ଓ ଠିକା ସଂସ୍ଥାକୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ପୋଲିସ ପ୍ରଶାସନ ତରଫରୁ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉ ନ ଥିବା ବେଳେ କ୍ଷତିଗ୍ରସ୍ତ ସରକାରୀ ଅନୁଷ୍ଠାନ ବାବଦ କ୍ଷତିପୂରଣ ରାଶି ପ୍ରଦାନ ତଥା ରାସ୍ତାପାର୍ଶ୍ୱରେ ଥିବା ଶିକ୍ଷାନୁଷ୍ଠାନ ସ୍ଥାନାନ୍ତରରେ ମଧ୍ୟ ବିଳମ୍ବ ହେଉଛି। ଉଚ୍ଛେଦ ପୂର୍ବରୁ ପ୍ରତ୍ୟେକ ଡିପାର୍ଟମେଣ୍ଟର ଅଫିସର ଉପସ୍ଥିତ ରହି ନିୟମାନୁଯାୟୀ ସହଯୋଗ ତଥା ଅନୁଗୋଳ ଓ ଢେଙ୍କାନାଳ ପ୍ରଶାସନ ପକ୍ଷରୁ ଜମିଅଧିଗ୍ରହଣ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଗଲେ ନିର୍ମାଣ କାର୍ଯ୍ୟ ଆଗେଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ରାଜପଥ ପ୍ରଶସ୍ତୀକରଣ ଯୋଗୁ ବର୍ତ୍ତମାନ ରାସ୍ତା ସଙ୍କୁଚିତ ହୋଇପଡିଛି। ଫଳରେ ସେଠାରେ ଯାତାୟାତ କଷ୍ଟକର ହେବା ସହ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଏ ଦିଗରେ ପ୍ରଶାସନ ସହ ଜାତୀୟ ରାଜପଥ ବିଭାଗ ଏବଂ ଜିଲା ଭୂ ଅର୍ଜନ ବିଭାଗ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏ ସମ୍ପର୍କରେ ରାଜପଥ କାମ ନେଇଥିବା ଠିକାସଂସ୍ଥା ଗାୟତ୍ରୀ ପ୍ରୋଜେକ୍ଟ ଲିମିଟେଡର ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ଜି. ପଦ୍ମନାଭମ ନାନାଜୀ କୁହନ୍ତି, ପ୍ରଶାସନ ତଥା ଭୂ ଅର୍ଜନ ବିଭାଗ ପକ୍ଷରୁ ଜମିଅଧିଗ୍ରହଣ କାର୍ଯ୍ୟ ଯଥାଶୀଘ୍ର କରାଯାଇ ଜାତୀୟ ରାଜପଥ ବିଭାଗ ତତ୍ତ୍ୱାବଧାନରେ ସମସ୍ତ ଜମିଜମା ବାବଦ କ୍ଲିୟରାନ୍ସ ଦେବା ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଆଗେଇ ପାରିବ। ସେହିପରି ଅନ୍ୟାନ୍ୟ ଆନୁସଙ୍ଗିକ ଅସୁବିଧା ସମସ୍ୟା ଯୋଗୁ ମଧ୍ୟ କାମ ଆଗେଇ ପାରୁନାହିଁ। ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଜରୁରୀ ବୋଲି ସେ କହିଛନ୍ତି। ଠିକାସଂସ୍ଥା ପକ୍ଷରୁ ଅଧିକାଂଶ ସ୍ଥାନରେ ସବ୍‌ଲେଟ କଣ୍ଟ୍ରାକ୍ଟରମାନଙ୍କୁ ମଧ୍ୟ କାମ ବଣ୍ଟନ କରାଯାଇଛି। ସମ୍ପୃକ୍ତ କଣ୍ଟ୍ରାକ୍ଟରମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

## ଆପରାଧିକ କାର୍ଯ୍ୟ ଅନୁଧ୍ୟାନ ପାଇଁ ଲାଗିବ ସିସି କ୍ୟାମେରା

ଅନୁଗୋଳ ଅଫିସ, ୨୦।୧୨

ଖଣି ପ୍ରଭାବିତ ତାଳଚେର ସମେତ ଅନୁଗୋଳ ଓ ନାଲ୍‌କୋ ଅଞ୍ଚଳରେ ଆପରାଧିକ କାର୍ଯ୍ୟ ଅନୁଧ୍ୟାନ ପାଇଁ ସିସିଟିଭି କ୍ୟାମେରା ଲାଗିବ। ଅନୁଗୋଳ ସହର ସମେତ ଖଣି ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଦିନକୁ ଦିନ ଅପରାଧ ବୃଦ୍ଧି ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ପ୍ରସ୍ତାବ କ୍ରମେ ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଜିଲା ଖଣିଜ ପ୍ରତିଷ୍ଠାନରୁ ୧ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସହରର ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଅଞ୍ଚଳରେ ଏହି ସିସିଟିଭି କ୍ୟାମେରା ଲଗାଯାଇ ଏକ ସ୍ୱତନ୍ତ୍ର ପୋଲିସ ନିୟନ୍ତ୍ରଣ ମାଧ୍ୟମରେ କାର୍ଯ୍ୟକ୍ଷମ କରାଯିବ। ଏହି କକ୍ଷରୁ ତାଲିମପ୍ରାପ୍ତ କର୍ମଚାରୀମାନେ ସନ୍ଦେହଜନକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବିଭିନ୍ନ ପ୍ରକାର ଅପରାଧ ଉପରେ କଡ଼ା ନଜର ରଖାଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପରିବ ବୋଲି ଜିଲାପାଳ ଅନିଲ କୁମାର ସାମଲ କହିଛନ୍ତି। ଏହାଛଡ଼ା ଜିଲା ପୋଲିସକୁ ଅଧିକ ସଶକ୍ତ ତଥା ଅପରାଧ ହ୍ରାସ ଓ ନିୟନ୍ତ୍ରଣ କରିବାରେ ଏହା ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଜେସିଆଇ କାର୍ଯ୍ୟକୁ ଉଚ୍ଚପ୍ରଶଂସା




ଅନୁଗୋଳ ଅଫିସ, ୨୦।୧୨

ଜୁନିୟର ଚାମ୍ବର ଇଣ୍ଟର ନ୍ୟାଶନାଲ (ଜେସିଆଇ) ଅନୁଗୋଳ ଶାଖାର ସପ୍ତମ ପ୍ରତିଷ୍ଠା ଦିବସ ପଞ୍ଚମହଲା ସ୍ଥିତ ଏକ ହୋଟେଲରେ ପାଳିତ ହୋଇଯାଇଛି। ବିଦାୟୀ ସଭାପତି ଆଶିଷ ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ତାଳଚେର ଡିଆଇଜି ନରସିଂହ ଭୋଳ ଯୋଗଦେଇ ଜେସିଆଇ ହାତକୁ ନେଇଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜେସିଆଇ ଜୋନ୍ ସଭାପତି ରାଜେଶ ସରାଫ ଓ ଉପସଭାପତି ମହେଶ ଅଗ୍ରୱାଲା ଯୋଗଦେଇଥିଲେ। ଦେଶର ୯ ନମ୍ବର ଜୋନ୍‌ରେ ଶ୍ରେଷ୍ଠ ଶାଖା ଭାବେ ଜେସିଆଇ ଅନୁଗୋଳକୁ ସମ୍ମାନିତ କରାଯାଇଥିବା ସୂଚନା ଦିଆଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ରାହୁଲ ଅଗ୍ରୱାଲା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୨୦୧୯ ବର୍ଷ ପାଇଁ ସଭାପତି ଭାବେ ଯୁବ ବ୍ୟବସାୟୀ ମହେଶ କୁମାର ଗର୍ଗଙ୍କୁ ଜୋନ୍ ସଭାପତି ରାଜେଶ ସରାଫ ଶପଥ ପାଠ କରାଇଥିଲେ। ଅନୁଗୋଳ ଜେସିଆଇ ସମ୍ପାଦକ ଭାବେ ସୁନୀଲ ଅଗ୍ରୱାଲା, ଉପସଭାପତି ନିଖିଲ ଅଗ୍ରୱାଲା, ରାହୁଲ ଅଗ୍ରୱାଲା, ଅମନ ଶୁକ୍ଳା, ଭାବିକ ଟଙ୍କ, ରାକେଶ ଗୁପ୍ତା, ନିର୍ଦ୍ଦେଶକ ଭାବେ ହିତେଶ ଅଗ୍ରୱାଲା, ବିକାଶ ଅଗ୍ରୱାଲା, ବିଶ୍ୱାସ ତୁଲସିଆନ୍, ମୋହିତ୍ ମୋଦି ଓ ମନୀଷ ଅଗ୍ରୱାଲା ଏବଂ କୋଷାଧ୍ୟକ୍ଷ ଭାବେ ଠାକୁର ଦାସ ଅଗ୍ରୱାଲା ଶପଥ ପାଠ କରିଥିଲେ। ଏଥିରେ ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ସଭାପତି ମାନସ ଅଗ୍ରୱାଲା, ଡା. ନିକୋଲାସ ଚେନ୍, କମଲ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, କୈଳାସ ଜିନ୍ଦଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ମାରୱାଡି ସମାଜ ସଭାପତି ରଣଜିତ୍ ମାଣ୍ଡୋଠିଆ, ବରିଷ୍ଠ ଆଇନଜୀବୀ ଭୂପେଶ ପ୍ରଧାନ, ଯୋଗସମିତି ଅଧ୍ୟକ୍ଷ ଅଭୟ ରାୟ, ଯୁବଶକ୍ତି ସଭାପତି ବ୍ରହ୍ମଜ୍ୟୋତି ମିଶ୍ର, ସ୍ୱେଚ୍ଛାସେବୀ ପର୍ଶୁରାମ ଦାସ, ପ୍ରାଧ୍ୟାପକ ଅଶୋକ ଶର୍ମା, ଅତିରିକ୍ତ ଜିଏସ୍‌ଟି କମିଶନର ତେଜରାଜ ପ୍ରଧାନଙ୍କ ସମେତ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ରାସ୍ତାରୋକୋ



ଅନୁଗୋଳ ଅଫିସ, ୨୦।୧୨

ଅନୁଗୋଳ ଥାନା କୁଇଓ ଛକରେ ବୁଧବାର ରାତିରେ ଟ୍ରକ୍ ଧକ୍କାରେ ସ୍ଥାନୀୟ ଅଞ୍ଚଳର ସନ୍ତୋଷ ନାଏକ(୩୪)ଙ୍କ ମୃତ୍ୟୁକୁ ନେଇ ଗୁରୁବାର ସକାଳେ ରାସ୍ତା ଅବରୋଧ କରାଯାଇଥିଲା। ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ, ଭାରିଯାନ ଚଳାଚଳରେ କଟକଣା ଲଗାଇବା ଓ ସ୍କୁଲ ସମ୍ମୁଖ ରାସ୍ତାରେ ହମ୍ପ୍‌ସ ନିର୍ମାଣ ପାଇଁ କୁଇଓ ଗ୍ରାମବାସୀ ଦାବି କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ନଂ. ୮୮୨/୧୨୮ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାରୁ ପ୍ରକାଶ ଯେ, କୁଇଓ ଗ୍ରାମର ସନ୍ତୋଷ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ସେ ଫେରୁଥିବା ବେଳେ ତାଳଚେରରୁ ଅନୁଗୋଳକୁ ଆସୁଥିବା ଏକ ଦଶ ଚକିଆ ଟ୍ରକ୍ (ନଂ. ଓଆର୧୯ଏ-୪୯୧୯) ତାଙ୍କୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପହଞ୍ଚି ଦାବି ସମ୍ପର୍କରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକେ ରାସ୍ତା ଉପରୁ ହଟିଯାଇଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

## ସଂସ୍କୃତି, ପରମ୍ପରା ଉଜ୍ଜୀବିତ ରଖିବାକୁ ଆହ୍ୱାନ

ତାଳଚେର,୨୦।୧୨(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ସ୍ଥିତ ହିଙ୍ଗୁଳା ନୋଡାଲ୍ ହାଇସ୍କୁଲ ପରିସରରେ ନୂଆଦିଲ୍ଲୀସ୍ଥିତ ସାଂସ୍କୃତିକ ସ୍ରୋତ ଓ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ତିନିଦିନିଆ ପ୍ରଶିକ୍ଷଣ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁଃଖବନ୍ଧୁ ସାହୁ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇ ଭାରତୀୟ ସଂସ୍କୃତିର ମହାନ୍ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସଭାପତି ମୁରଲୀଧର ସାହୁ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ତାଳଚେର ଓ ଛେଣ୍ଡିପଦା ବ୍ଲକର ୪୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ। ଏହି ଅବସରରେ ଅତିଥିମାନେ ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ଅନୁଗୋଳ ଜିଲା ସଂଯୋଜକ ଅଶୋକ କୁମାର ପ୍ରଧାନ ସଂଯୋଜନା କରିଥିଲେ। ସାଂସ୍କୃତିକ ଶିକ୍ଷା, ଆଞ୍ଚଳିକ ଭାଷାର ସଙ୍ଗୀତ, ଜୈବ ବିବିଧତା ତଥା ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଲୋଚନା ହୋଇଥିଲା।

■ ବନ୍ଦ ପାଳନ ସତ୍ତ୍ୱେ ପ୍ରଶାସନର ଉଦାସୀନତା

## ଆଜିଠୁ ରାସ୍ତାରେ ଝାଡୁମାରିବେ ସହରବାସୀ

ତାଳଚେର, ୨୦।୧୨(ନି.ପ୍ର.)

୪ ଦଫା ଦାବି ନେଇ ତାଳଚେର ସୁରକ୍ଷା ପରିଷଦ ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ ସତ୍ତ୍ୱେ ଜିଲା ପଶାସନ ଓ ଖଣି କର୍ତ୍ତୃପକ୍ଷ ତତ୍ପର ନ ହେବା ସହ ସହରବାସୀଙ୍କ ସୁରକ୍ଷା ପ୍ରତି ଉଦାସୀନ ମନୋଭାବ ଦେଖାଉଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ସହରବାସୀ ଶୁକ୍ରବାରଠାରୁ ୫୩ ନମ୍ବର ଜାତୀୟ ରାଜପଥରେ ତାଳଚେର ବାଇପାସ୍ ଛକଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଝାଡୁମାରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଗଣେଶ ମନ୍ଦିର ପରିସରରେ ବଳରାମ କୁଣ୍ଡଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ପୂର୍ଣ୍ଣଚନ୍ଦ୍ର ସାହୁ, ଜିତେନ୍ଦ୍ର ଦାସ, ମାନସ ବାଇ, ପ୍ରଦୀପ ମହାଣା, ବିଷ୍ଣୁମୋହନ ରଥଙ୍କ ସମେତ ସ୍ଥାନୀୟ ଅଧିବାସୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷଙ୍କ ନୀରବତା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରତିବାଦରେ ସାମୂହିକ ଭାବେ ସହରବାସୀ ଝାଡୁମାରି ଅଭିନବ ଭାବେ ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଥିଲେ।



## ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ତାଳଚେର, ୨୦।୧୨(ନି.ପ୍ର.)

ତାଳଚେରସ୍ଥିତ ଏମ୍‌ସିଏଲ ଭରତପୁର କୋଇଲା ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସିକ୍ୟୁରିଟି ଆଣ୍ଡ ସର୍ଭିସ୍ ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ଗୁରୁବାର ଗଣଧାରଣା ଦିଆଯାଇଛି। ଘରୋଇ ସିକ୍ୟୁରିଟି ସଂସ୍ଥାରେ କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କୁ ଦୁଇ ବର୍ଷ ହେଲା କମ୍ପାନୀ ପକ୍ଷରୁ ହଇରାଣ କରଯାଉଥିବା ସହ ସେମାନଙ୍କୁ ଠିକ୍ ସମୟରେ ଦରମା ପ୍ରଦାନ କରାଯାଉ ନ ଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରକଳ୍ପ ପଦାଧିକାରୀଙ୍କୁ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଗତ ଅକ୍ଟୋବର ଓ ନଭେମ୍ବର ମାସର ଦରମା ପ୍ରଦାନ ସହ ସିଏମ୍‌ପିଏଫ୍ ଅପ ଟୁ ଡେଟ୍ କରିବା, ଏରିଅର୍ ବୋନସ ପ୍ରଦାନ, ସମସ୍ତ ସୁରକ୍ଷାକର୍ମୀଙ୍କୁ ମେଡିକାଲ୍ କାର୍ଡ ପ୍ରଦାନ ସହ ଅନ୍ୟାନ୍ୟ ଦାବି ନେଇ ଏହି ଧାରଣା ଦିଆଯାଇଥିଲା। ୟୁନିୟନର ସଭାପତି ନରେଶ ଚନ୍ଦ୍ର ସାହୁ, ଉପ ସଭାପତି ମଦନ ମୋହନ ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ଜେନା ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ସୁରକ୍ଷାକର୍ମୀ ଧାରଣାରେ ସାମିଲ ହୋଇଥିଲେ। ଖଣି କର୍ତ୍ତୃପକ୍ଷ ସୁରକ୍ଷାକର୍ମୀଙ୍କ ସହ ଆଲୋଚନା କରି ୧୫ ଦିନ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ରକ୍ତମାଉଲୀଙ୍କ ପୂଜାରେ ସହସ୍ରାଧିକ ଶ୍ରଦ୍ଧାଳୁ

ଛେଣ୍ଡିପଦା,୨୦।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ପଞ୍ଚାୟତର କରଡାବାହଳ ଗ୍ରାମରେ ମା' ରକ୍ତମାଉଲୀଙ୍କ ଯାତ୍ରା ଓ ବାର୍ଷିକ ପୂଜା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ୫୦ ବର୍ଷ ଧରି ଚାଲି ଆସୁଥିବା ଏହି ପୂଜା ସମାରୋହରେ ସମ୍ପନ୍ନ ହୋଇଛି। ପୂଜାରେ ଅନୁଗୋଳ, ତାଳଚେର, ଦେବଗଡ, ପାଲଲହଡା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସକାଳେ ଗ୍ରାମରୁ ହିଙ୍ଗୁଳା ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରବା ସହିତ ମା'ଙ୍କ ଭୋଗକୁ ଗ୍ରାମରୁ ଛତି, ତରାସ, ଘଣ୍ଟ ବାଦ୍ୟରେ ପଟୁଆର ପୂଜା ସ୍ଥଳକୁ ଅଣାଯାଇଥିଲା। ପୂଜକ ଦୁର୍ଯ୍ୟୋଧନ ଦେହୁରୀ, ପତିଆର ବନବିହାରୀ ସାହୁ ଓ ଦେବ ସାହୁ ପୂଜାର୍ଚ୍ଚନା କରିଥିଲେ। ମାନସିକଧାରୀମାନେ ପୀଠରେ ଅଧିଆ ପଡିବା ସହ ବହୁ ଛୋଟ ପିଲାଙ୍କର ମୁଣ୍ଡନ କରାଇଥିଲା। ଗ୍ରାମର ଅଭିଯାନୀ ୟୁଥ୍ କ୍ଲବ୍ ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଗ୍ରାମ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସମ୍ପାଦକ ବିଜୟ କୁମାର ସାହୁ, ପୂଜା କମିଟି ସଭାପତି ବାଲୁଙ୍କେଶ୍ୱର ପ୍ରଧାନ, ଶାନ୍ତନୁ ପ୍ରଧାନ, ରୁଦ୍ର ମୋହନ ସାହୁ, ପ୍ରଶାନ୍ତ ପ୍ରଧାନ, ରମେଶ ବାଘ, ବିଜୟ ପ୍ରଧାନ, ଧରଣୀଧର ପ୍ରଧାନ, ନିରଞ୍ଜନ ମାଝୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



■ ଅନୁଗୋଳ ବ୍ଲକ କୃଷକ ସମ୍ପର୍କ ମେଳାରେ ବିଧାୟକଙ୍କ ପ୍ରତିଶ୍ରୁତି

# ହିଡ଼ିସିଙ୍ଗ ପ୍ରକଳ୍ପ ଦାବି ବିଧାନସଭାରେ ଉଠାଇବି

ବନ୍ତଲା, ୨୦।୧୨ (ଡି.ଏନ.ଏ)

ଅନୁଗୋଳ ବ୍ଲକ କୃଷକ ସମ୍ପର୍କ ମେଳା ଗୁରୁବାର ପୋକତୁଙ୍ଗା ସଂଯୁକ୍ତ ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ପରିଷଦରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଯୋଗଦେଇଥିଲେ। ରାଜ୍ୟ ସରକାର ଚାଷୀଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେଉଥିବା ବିଧାୟକ ପ୍ରକାଶ କରିଥିଲେ। ଏଥିସହ ହିଡ଼ିସିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ନିମନ୍ତେ ୨୦୧୯ ଫେବୃୟାରୀ ବିଧାନସଭା ବଜେଟରେ ଅନୁଦାନ ପାଇଁ ପ୍ରସ୍ତାବ ପକାଇବା ସହ ଏହାକୁ ପାସ କରି ଟଙ୍କା ଆଣିବାକୁ ସଭାରେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ସକାଳ ୧୦ଟାରେ ଏହି କାର୍ଯ୍ୟକ୍ରମ ପାଇଁ ସମୟ ନିର୍ଦ୍ଧାରିତ ହୋଇଥିବାବେଳେ ବିଧାୟକ ଅପରାହ୍ନ ୧ଟା ୧୫ରେ ପହଞ୍ଚିଥିଲେ। ଏହାକୁନେଇ ସଭାକୁ ଡକାଯାଇଥିବା ଚାଷୀ ଓ ମହିଳା ସ୍ୱୟଂ ସହାୟକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ତେବେ ତଳମୂଳ ମହୀଧରପୁର ଦେଇ ଆସିବାରୁ ରାସ୍ତାରେ ଟ୍ରାଫିକ ସମସ୍ୟା ଯୋଗୁ ପହଞ୍ଚିବାରେ ବିଳମ୍ବ ହୋଇଥିବା ବିଧାୟକ କହିଥିଲେ। କୃଷି ଉପନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏହି ମେଳାରେ ସମ୍ମାନିତ ଅତିଥି ଭାବେ ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଉପାଧ୍ୟକ୍ଷା ମମତା ପ୍ରଧାନ, ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ବିନିତା ଶତପଥୀ, ଜିଲା କୃଷି ଅଧିକାରୀ ଭୋଳାଶଙ୍କର ବେହେରା, ପାଣି ପଞ୍ଚାୟତ ଅଧ୍ୟକ୍ଷ ନିର୍ମଳ କୁମାର ସାମନ୍ତ, ଜିଲା ପରିଷଦ ସଭ୍ୟା ରୁବି ସାହୁ, ହାଡ଼ିବନ୍ଧୁ ଦେହୁରୀ, ପୋକତୁଙ୍ଗା ସରପଞ୍ଚ ରିନାରାଣୀ ପ୍ରଧାନଙ୍କ ସମେତ ଉଦ୍ୟାନ, ପ୍ରାଣୀ, ମତ୍ସ୍ୟ, ଜଳ ସମ୍ପଦ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ। ଚାଷୀଙ୍କ ଉନ୍ନତି ପାଇଁ ୧ ଶହ ଖଣ୍ଡ ମୌଜାରେ ଚକବନ୍ଦୀଙ୍କୁ ଉଠାଇ ସେଟଲମେଣ୍ଟ କରିବା, ଜଳସେଚନ ପ୍ରକଳ୍ପ ଓ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଥିଲା। ବନ୍ତଲା ସହକାରୀ କୃଷି ଅଧିକାରୀ ଧନ୍ୟବାଦ ଦେଇଥିଲେ।



କୃଷକ ସମ୍ପର୍କ ମେଳାରେ ଉପସ୍ଥିତ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ।

**ବିଳୟରେ ମୁଖ୍ୟଅତିଥି ପହଞ୍ଚିବା ନେଇ ଅସନ୍ତୋଷ**

ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

### ହାତୀ ପାଇଁ ରାସ୍ତାରେ ଚାଷୀ

# ବନ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ

**ପରଜଙ୍ଗ, ୨୦।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଉପଦ୍ରବରେ ଅତିଷ୍ଠ ଚାଷୀ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫସଲ, ଧନଜୀବନ ସୁରକ୍ଷା ଦାବିରେ ଡିହଡୋଳ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା। ଏହି ଅବସରରେ ଡିଏଫ୍ଓଙ୍କ ଉଦ୍ଦେଶ୍ୟରେ ରେଞ୍ଜର ହରମୋହନ ନାୟକଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି।

ସରାଙ୍ଗ, ଡମୋଳ, ପାଟରପଦା, ଲୋଧଣି, କନ୍ଦରସିଂହା, ପରଜଙ୍ଗ, ପିଡିରି, ରୋଡ, କୁମୁସୀ ଅଞ୍ଚଳବାସୀ ହାତୀ ଆତଙ୍କରେ ଦିନ କାଟୁଛନ୍ତି। ଜମିରେ ପଶି ହାତୀପଲ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଘରଦ୍ୱାର ଭାଙ୍ଗିବା ସହ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଦୁଇମାସ ମଧ୍ୟରେ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ଭୟରେ ଚାଷୀ ଫସଲ ଅମଳ କରିପାରୁନାହାନ୍ତି। ହାତୀଙ୍କୁ ସୁରକ୍ଷା ଦେବାକୁ ଯାଇ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ କରାଯାଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଆଶାଜନକ ପଦକ୍ଷେପ ନେଉନାହିଁ ବନ ବିଭାଗ। ଏହାର ପ୍ରତିବାଦରେ ଶତାଧିକ ଚାଷୀ ପରଜଙ୍ଗ ତହସିଲ କାର୍ଯ୍ୟାଳୟରେ ଏକାଠି ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ଡିହଡୋଳ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଆନ୍ଦୋଳନ କରିଥିଲେ।



ଚାଷୀମାନେ ଶୋଭାଯାତ୍ରାରେ ଡିହଡୋଳ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ଅଭିମୁଖେ ଯାଉଛନ୍ତି।

ଅଞ୍ଚଳରୁ ହାତୀଙ୍କୁ ଘଉଡ଼ାଇବା, ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ, ଆହତଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା, ମୃତ ଓ ଆହତଙ୍କ ପରିବାର ମଧ୍ୟରୁ ଜଣଙ୍କୁ ଚାକିରି, ସୋଲାର ଫିନିଶିଂ କରିଡ଼ର ନିର୍ମାଣ, ହାତୀ ଗତିବିଧି ଜାଣିବାକୁ ଟାୱାର ନିର୍ମାଣ, ବିଦ୍ୟୁତ୍ କାଟ ବନ୍ଦ, ହାତୀ ଚଲାପଥରେ ଫଳକ ଲଗାଇବା ପ୍ରମୁଖ ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା। ରଞ୍ଜନ ରାଉତ, ଦୁର୍ଗାପ୍ରସାଦ ସାହୁ, ମାନସ ପରିଡ଼ା, ହେମନ୍ତ ସାମଲ, ବିଜୟ ସାହୁ, ରମେଶ ସାହୁ, ଲକ୍ଷ୍ମୀଧର ସାହୁ, ନିରାକାର ପ୍ରଧାନ, ରମେଶ ସାହୁ, ବିଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ଥାନାଧିକାରୀ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଫୋର୍ସ ମୁତୟନ ହୋଇଥିଲେ।

### ବୈଠକରେ ସମସ୍ୟା ଉଠାଇଲେ ପାଇକ

# 'ପାଠ୍ୟକ୍ରମରେ ସାମିଲ ହେଉ ସମରକଳା'



**ଢେଙ୍କାନାଳ ଅଫିସ, ୨୦।୧୨**

ଢେଙ୍କାନାଳ ସଦର ଦଧିବାମନଜୀଉ ମଠ ପ୍ରାଙ୍ଗଣରେ ବୁଧବାର ନିଖିଳ ଓଡ଼ିଶା ପାଇକ ମହାସଂଘର ଜିଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରସନ୍ନ ଦଳବେହେରାଙ୍କ ଅଧ୍ୟକ୍ଷତାରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ପାଠ୍ୟକ୍ରମରେ ସମରକଳାକୁ ସାମିଲ କରିବା, କ୍ରୀଡ଼ା ବିଭାଗ ମାଧ୍ୟମରେ ବୀର ପାଇକଙ୍କୁ ସମରକଳା ଭତ୍ତା ପ୍ରଦାନ, ପାଇକ ଆଖଡ଼ା ପାଇଁ ସରଞ୍ଜାମ, ପାଇକ ରେଜିମେଣ୍ଟ ଗଠନ, ମହାସଂଘର ଗୃହ ଲାଗି ଜିଲା ସଦରରେ ଜମି ଯୋଗାଣ ଆଦି ଦାବି ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଛି। ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ଢେଙ୍କାନାଳରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସମସ୍ତେ ସହଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ରାଜ୍ୟ ଉପସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ରମେଶ ସାମଲ, ଉପଦେଷ୍ଟା ଗାୟନ ସାମଲ, ଜିଲା ସଂଯୋଜକ ନବକିଶୋର ସାମଲ, ରମେଶ ପ୍ରଧାନ, ସାମାଜିକ କର୍ମୀ ଶେଷଦେବ ରାଉତ, ସଦର ବ୍ଲକ୍ ସଭାପତି ପ୍ରେମାନନ୍ଦ ଲେଙ୍କା, ପରଜଙ୍ଗ ବ୍ଲକ ସଭାପତି ସନ୍ତୋଷ ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।





